# ଗ୍ରାମସଭା/ ପଲ୍ଲୀସଭାର ଦାୟିତ୍ୱ ଓ କ୍ଷମତା

# ଗ୍ରାମସଭା/ ପଲ୍ଲୀସଭା କ'ଣ ?



- ଗୋଟିଏ ଗ୍ରାମର ଲୋକମାନଙ୍କର ସାଧାରଣ ସଭା ଯେଉଁଥିରେ ଗ୍ରାମର ସମସ୍ତ ସାବାଳକ ସଦସ୍ୟ ଯୋଗ ଦେଉଥିବେ
- 'ଗ୍ରାମସଭା'ର ଅର୍ଥ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ଧାରା "୬"ରେ ଥିବା "ପଲ୍ଲୀସଭା" ପ୍ରକାରେ ବୁଝିବା ବିଧେୟ ଅଟେ

# ଗ୍ରାମ କହିଲେ କ'ଣ ?

- ଅଣ-ଅନୁସୂଚିତ ଅଞ୍ଚଳ: ସମସ୍ତ ରାଜସ୍ୱ ଗ୍ରାମ
- ଅନୁସୂଚିତ ଅଞ୍ଚଳ: ପଡ଼ା
- "ଜଙ୍ଗଲ ଗ୍ରାମ" କିମ୍ବା "ଜଙ୍ଗଲ ଜମିରେ ଥିବା ବସତି" କିମ୍ବା "ପୁରାତନ ବସତି" କିମ୍ବା "ସର୍ବେକ୍ଷଣ ଓ ବନ୍ଦୋବସ୍ତ ହୋଇ ନଥିବା ଗ୍ରାମ"

# ଧାରା - ୨ (ତ) ‘ଗ୍ରାମ’ର ଅର୍ଥ;

- (୧)ପଞ୍ଚାୟତିରାଜ (ଅନୁସୂଚୀତ ଅଞ୍ଚଳକୁ ସମ୍ପ୍ରସାରଣ) ଆଇନ, ୧୯୯୬ର ଧାରା -୪ର ଉପବିଧି (ଖ)ରେ ସୂଚିତ ଗ୍ରାମ; କିମ୍ବା
- (୨)ଅନୁସୂଚିତ ଅଞ୍ଚଳକୁ ବାଦ୍ ଦେଇ ପଞ୍ଚାୟତ ସମ୍ପର୍କୀତ ରାଜ୍ୟ ଆଇନ୍‌ରେ ଗ୍ରାମ ରୂପେ ସୂଚୀତ କୌଣସି ଅଞ୍ଚଳ; କିମ୍ବା
- (୩)ଜଙ୍ଗଲ ଗ୍ରାମ, ପୁରାତନ ବସତି କିମ୍ବା ବନ୍ଦୋବସ୍ତ ଏବଂ ସର୍ବେକ୍ଷଣ ହୋଇନଥିବା ଗ୍ରାମ ଯାହା ଗ୍ରାମଭାବେ ବିଜ୍ଞପ୍ତି ହୋଇଛି ବା ହୋଇନାହିଁ; କିମ୍ବା

# ଗ୍ରାମସଭାର ଦାୟିତ୍ୱ

- ଗ୍ରାମର ସମସ୍ତ ସାବାଳକମାନଙ୍କୁ ନେଇ ବୈଠକ ଆୟୋଜନ କରିବା
- ଆଇନ୍ ଓ ନିୟମାବଳୀ ସଂପର୍କରେ ଲୋକମାନଙ୍କୁ ସଚେତନ କରିବା
- ସମସ୍ତଙ୍କର ସହମତ କ୍ରମେ "ଜଙ୍ଗଲ ଅଧିକାର କମିଟି" ଗଠନ କରିବା
- "ଜଙ୍ଗଲ ଅଧିକାର କମିଟି"ର ଦାୟିତ୍ୱ ସଂପର୍କରେ ସମସ୍ତ ସାବାଳମାନଙ୍କୁ ସଚେତନ କରାଇବା
- "ଜଙ୍ଗଲ ଅଧିକାର କମିଟି"କୁ ଦିଆଯାଇଥିବା ଦାୟିତ୍ୱଗୁଡ଼ିକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆବଶ୍ୟକୀୟ ସାହାର୍ଯ୍ୟ ଓ ସହଯୋଗ ଯୋଗାଇ ଦେବା

# ଗ୍ରାମସଭାର ଦାୟିତ୍ୱ

- "ଜଙ୍ଗଲ ଅଧିକାର କମିଟି"ର ବିବରଣୀକୁ ଗୃହିତ କରାଇବା
- ଉପ-ଖଣ୍ଡିୟସ୍ତରୀୟ କମିଟି ନିକଟରେ ଉପସ୍ଥାପନ କରିବା
- ଜଙ୍ଗଲ ଓ ବନ୍ୟଜନ୍ତୁର ସୁରକ୍ଷା ଓ ସଂରକ୍ଷଣ ନିମନ୍ତେ କମିଟି ଗଠନ କରିବା ତଥା ପରିଚାଳନା ପାଇଁ ନୀତିନୀୟମ ପ୍ରଣୟନ କରିବା
- ଜଙ୍ଗଲ ଜମିର ପୁନଃ ଜବରଦଖଲ ରୋକିବା
- ବନ୍ୟଜନ୍ତୁ ଶିକାର ବନ୍ଦ କରିବା ପାଇଁ ପଦକ୍ଷେପ ନେବା

# ଗ୍ରାମସଭାର ଦାୟିତ୍ୱ

- ଜୈବ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ପାଣିର ସ୍ରୋତ ଇତ୍ୟାଦିର ସୁରକ୍ଷାକୁ ସୁନିଶ୍ଚିତ କରାଇବା
- ଆଦିବାସୀଙ୍କ ସଂସ୍କୃତି, ବୌଦ୍ଧିକ ଜ୍ଞାନକୁ ସୁରକ୍ଷା ପ୍ରଦାନ କରିବା
- ଜଙ୍ଗଲଜମିକୁ ଅଣ-ଜଙ୍ଗଲ କାର୍ଯ୍ୟରେ ବ୍ୟବହାର କରିବା ନିମନ୍ତେ ଅନୁମତି ପ୍ରଦାନ କରିବା
- ଆଇନ୍ ଅବମାନନାକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା